# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**17 January - 2025**

**News Editor : *Tapan Kumar Moharana***

**************************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୦୨୪ ମସିହା ପାଇଁ ପ୍ରଦାନ କଲେ ଜାତୀୟ କ୍ରୀଡା ପୁରସ୍କାର

- ଓଡ଼ିଶା ସରକାର ଓ ସିଙ୍ଗାପୁରର ବିଭିନ୍ନ ସଂସ୍ଥା ମଧ୍ୟରେ ଆଜି ସ୍ୱାକ୍ଷରିତ ହେଲା ଏକାଧିକ ବୁଝାମଣାପତ୍ର

- ଚିଲିକା-ଭିତରକନିକା ଓ ହୀରାକୁଦ ଜଳଭଣ୍ଡାରରେ ଆସନ୍ତାକାଲି ହେବ ପକ୍ଷୀଗଣନା

ଏବଂ

- ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗରେ ଆଉ କିଛି ସମୟ ପରେ ଏସ୍‌ଜି ପାଇପର୍ସ ଏବଂ ସୁର୍‌ମା ହକି କ୍ଲବ୍ ମଧ୍ୟରେ ଖେଳାଯିବ ମ୍ୟାଚ୍

# ଜାତୀୟ କ୍ରୀଡ଼ା ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ୨୦୨୪ ମସିହା ପାଇଁ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରିଛନ୍ତି । ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଶ୍ରୀମତୀ ମୁର୍ମୁ ବିଭିନ୍ନ କ୍ରୀଡ଼ାରେ ଉତ୍କର୍ଷ ପ୍ରତିପାଦନ କରିଥିବା ୪ ଜଣ ଖେଳାଳିଙ୍କୁ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ଏବଂ ୩୨ ଜଣ କ୍ରୀଡ଼ାବିତ୍‌ଙ୍କୁ ଅର୍ଜୁନ ପୁରସ୍କାର ପ୍ରଦାନ କରିଛନ୍ତି । ବିଶ୍ୱ ଚେସ୍ ଚାମ୍ପିୟନ୍ ଡି. ଗୁକେଶ, ପ୍ୟାରିସ୍ ଅଲିମ୍ପିକ୍ସର ଦୁଇଟି ପଦକ ବିଜେତା ମନୁ ଭାକର୍, ଭାରତୀୟ ହକି ଦଳର ଅଧିନାୟକ ହରମନ୍‌ପ୍ରୀତ ସିଂହ ଏବଂ ପ୍ୟାରିସ୍ ପାରା ଅଲିମ୍ପିକ୍ସର ସ୍ୱର୍ଣ୍ଣ ପଦକ ବିଜେତା ପ୍ରବୀଣ କୁମାରଙ୍କୁ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପ୍ରଦାନ କରାଯାଇଛି ।

# ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନ୍‌ମୁଗ୍ ରତ୍‌ନମ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ବିଶ୍ୱ ଦକ୍ଷତା କେନ୍ଦ୍ର ପରିସରରେ ଓଡ଼ିଶା ସରକାର ଓ ସିଙ୍ଗାପୁରର ବିଭିନ୍ନ ସଂସ୍ଥା ମଧ୍ୟରେ ଆଜି ଏକାଧିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସିଙ୍ଗାପୁର ସହ ଅକ୍ଷୟଶକ୍ତି, ଇଣ୍ଡଷ୍ଟ୍ରିଆଲ୍ ପାର୍କ, ନୂତନ ସହରୀ ବିକାଶ, ସେମିକଣ୍ଡକ୍ଟର କ୍ଷେତ୍ରରେ ଦକ୍ଷତା ବିକାଶ, ଗ୍ରୀନ୍ ହାଇଡ୍ରୋଜେନ୍ କରିଡର, ପେଟ୍ରୋଲିୟମ୍, ପେଟ୍ରୋକେମିକାଲ୍ସ ଏବଂ ରାସାୟନିକ କ୍ଷେତ୍ରରେ ନିବେଶ ଆଦିକୁ ନେଇ ଓଡ଼ିଶା ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଗସ୍ତ ସମୟରେ ସିଙ୍ଗାପୁର ରାଷ୍ଟ୍ରପତି ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରର ଭଟିକାଲ ଟ୍ରାନ୍ସପୋର୍ଟ ଲ୍ୟାବ୍ ଏବଂ

ଟ୍ରାଭେଲେଟର ଲ୍ୟାବ୍‌ର ପରିଦର୍ଶନ କରିଛନ୍ତି। ବୈଷୟିକ ଶିକ୍ଷା ଏବଂ ନବସୃଜନ ପାଇଁ ଓଡ଼ିଶାର ପ୍ରତିବଦ୍ଧତାକୁ ଦର୍ଶାଇ ସେ ଛାତ୍ର ଓ ପ୍ରଶିକ୍ଷକଙ୍କ ସହ ଭାବବିନିମୟ କରିଛନ୍ତି । ଆଗାମୀ ଦିନରେ ଓଡ଼ିଶା ଓ ସିଙ୍ଗାପୁରର ସମ୍ପର୍କ ଆହୁରି ସୁଦୃଢ଼ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି...

# - V/O -

ସିଙ୍ଗାପୁର ରାଷ୍ଟ୍ରପତି ଆସନ୍ତାକାଲି ତାଙ୍କ ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ପୁରୀ ଜିଲ୍ଲାର ରଘୁରାଜପୁରୁ ଐତିହ୍ୟ ଗ୍ରାମ ଏବଂ ଅର୍କକ୍ଷେତ୍ର କୋଣାର୍କ ମନ୍ଦିର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେଥିପାଇଁ କୋଣାର୍କ ମନ୍ଦିରକୁ ଆସନ୍ତାକାଲି ସକାଳ ୮ଟାରୁ ସର୍ବସାଧାରଣଙ୍କ ପାଇଁ ବନ୍ଦ ରଖାଯିବ। ସେହିପରି ଭୁବନେଶ୍ୱରସ୍ଥିତ ଅନ୍ଧାରୁଆରେ ଥିବା ଭାରତ ବାୟୋଟେକ୍‌ର ଟିକା ପ୍ରସ୍ତୁତ କେନ୍ଦ୍ରକୁ ସିଙ୍ଗାପୁର ରାଷ୍ଟ୍ରପତି ପରିଦର୍ଶନ କରି ଅଧିକାରୀମାନଙ୍କ ସହ ଆଲୋଚନା କରିବେ ।

## ଅଭିଯୋଗ ଶୁଣାଣି ବନ୍ଦ

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତା ସୋମବାର ବନ୍ଦ ରହିବ। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଶୁଣାଣିକୁ ବନ୍ଦ ରଖାଯାଇଛି ।

## ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଯୌତୁକ ନିଷେଧ ଆଇନ୍  ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ଯୌତୁକ ପରି ଏକ ସମ୍ବେଦନଶୀଳ ବିଷୟ ଉପରେ ଆଲୋକପାତ କରିଛନ୍ତି। ବାଲ୍ୟବିବାହ, ସତୀପ୍ରଥା, ଯୌତୁକ ସମସ୍ୟା ସମାଜର ଏକ ମାନସିକ ବ୍ୟାଧି। ଏ ନେଇ ରାଜ୍ୟରେ ଉପଜିଲ୍ଲାପାଳଙ୍କୁ ଯୌତୁକ ନିଷେଧ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ତୃଣମୂଳସ୍ତରରେ ସମସ୍ତ ଅଧିକାରୀ ଦାୟିତ୍ୱର ସହିତ କାର୍ଯ୍ୟ ସମ୍ପାଦନ କରି ଯୌତୁକଜନିତ ସମସ୍ୟାର ସମାଧାନ ପାଇଁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## କ୍ଷୟକ୍ଷତି ସମୀକ୍ଷା

**ଗଞ୍ଜାମ** ଜିଲ୍ଲାରେ ଅଦିନିଆ ବର୍ଷାରେ ହୋଇଥିବା ଫସଲ କ୍ଷୟକ୍ଷତିର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା କରୁଛନ୍ତି। ଛତ୍ରପୁରସ୍ଥିତ ଗଞ୍ଜାମ ଜିଲ୍ଲାପାଳ ସମ୍ମିଳନୀକକ୍ଷରେ ଫସଲ କ୍ଷତି ବାବଦ ସମୀକ୍ଷା ବୈଠକରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀଙ୍କ ସମେତ ଛତ୍ରପୁର, ଦିଗପହଣ୍ଡି, ଆସିକାର ବିଧାୟକ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଧାଡ଼ି ଦର୍ଶନ

ପୁରୀ ଶ୍ରୀମନ୍ଦିରରେ ଆସନ୍ତାମାସ ପହିଲାରୁ ଧାଡ଼ିଦର୍ଶନ ପ୍ରକ୍ରିୟା ଆରମ୍ଭ ହେବା ନେଇ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ହୁଣ୍ଡି ସ୍ଥାନାନ୍ତର ପାଇଁ ଧାଡିଦର୍ଶନ ବ୍ୟବସ୍ଥାରେ ବିଳମ୍ବ ହେଉଛି। ଏହି ପ୍ରକ୍ରିୟା ସରିବା ପରେ ଧାଡ଼ିଦର୍ଶନ ପାଇଁ ଡାଙ୍ଗ ସ୍ଥାପନ ଆରମ୍ଭ କରାଯିବା ନେଇ ମନ୍ତ୍ରୀ ସୂଚନା ଦେଇଛନ୍ତି।

## ପକ୍ଷୀଗଣନା-ଚିଲିକା-ଭିତରକନିକା

ଚିଲିକା ବନ୍ୟପ୍ରାଣୀ ବନଖଣ୍ଡରେ ଆସନ୍ତାକାଲି ବିଦେଶାଗତ ପକ୍ଷୀ ଏବଂ ଦେଶୀୟ ପକ୍ଷୀଙ୍କ ଗଣନା କରାଯିବ । ଏଥିଲାଗି ଆଜି ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପକ୍ଷୀଗଣନା ନିମନ୍ତେ ୨୧ଟି ଦଳ ଗଠନ କରାଯାଇଛି । ପ୍ରତ୍ୟେକ ଦଳରେ ୩ରୁ ୫ ଜଣ ଲେଖାଏଁ ପକ୍ଷୀ ବିଶେଷଜ୍ଞ ରହିଛନ୍ତି । ୧୩୦ ଜଣ ଏହି ଗଣନାରେ ଭାଗ ନେଇଛନ୍ତି । ସୂଚନାଯୋଗ୍ୟ, ଗତବର୍ଷ ଚିଲିକାକୁ ୧୮୭ ପ୍ରଜାତିର ୧୧ ଲକ୍ଷ ୩୭ ହଜାର ୭ଶହ ଅଣଷଠୀଟି ପକ୍ଷୀ ଆସିଥିଲେ । ଚିଲିକାରେ ଆସନ୍ତା ୨୦ ତାରିଖରେ ଇରାଓ୍ୱାଡ଼ି ଡଲ୍‌ଫିନ୍ ଗଣନା କରାଯିବ । ୧୪୫ ଜଣ ବିଭାଗୀୟ କର୍ମଚାରୀ, ସ୍ୱେଚ୍ଛାସେବୀ ୧୮ଟି ଦଳରେ ବିଭକ୍ତ ହୋଇ ଡଲଫିନ୍ ଗଣନା କରିବେ ବୋଲି ଜଣାପଡ଼ିଛି ।

**ଭିତରକନିକା** ଜାତୀୟ ଉଦ୍ୟାନରେ ଆସନ୍ତାକାଲି  ପକ୍ଷୀଗଣନା ଆରମ୍ଭ ହେବ। ରାଜନଗର ବନଖଣ୍ଡରେ କନିକା, ଗହୀରମଥା, ମହାକାଳପଡା ଓ କୁଜଙ୍ଗ ଅଞ୍ଚଳର ୫ଟି ରେଞ୍ଜ୍‌ରେ ପକ୍ଷୀଗଣନା କରାଯିବ। ସୂଚନାଯୋଗ୍ୟ, ଗତବର୍ଷ ଭିତରକନିକାରେ ୧୨୧ ପ୍ରଜାତିର ୧ ଲକ୍ଷ ୫୧ ହଜାର ୪୨୧ଟି ପକ୍ଷୀଗଣନା କରାଯାଇଥିଲା।

**ହୀରାକୁଦ** ଜଳଭଣ୍ଡାରରେ ମଧ୍ୟ ଆସନ୍ତାକାଲି ପକ୍ଷୀଗଣନା କରାଯିବ। ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଏହି ପକ୍ଷୀଗଣନା ସକାଳ ୬ଟାରୁ ଆରମ୍ଭ ହୋଇ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଚାଲିବ। ଜଳଭଣ୍ଡାରର ୫୩୩ ବର୍ଗକିଲୋମିଟ ଓ ପାଓ୍ୱାରକେନାଲର ୫ ଦଶମିକ ୭ ବର୍ଗକିଲୋମିଟର

ଅଞ୍ଚଳରେ ପକ୍ଷୀଗଣନା କରାଯିବ। ଏଥିପାଇଁ ସମଗ୍ର ଅଞ୍ଚଳକୁ ୨୧ଟି ସେକ୍ଟରେ ବିଭକ୍ତ କରାଯାଇଛି। ୩୨ଟି ବୋଟ୍‌ରେ କରାଯିବାକୁ ଥିବା ପକ୍ଷୀଗଣନାରେ ୭୦ ଜଣ ଭାଗ ନେବେ।

## ନାମଲେଖା

ସର୍ବଭାରତୀୟ ସ୍ତରରେ ସମସ୍ତ ପିଏମ୍‌ଶ୍ରୀ ସ୍କୁଲ ବା ଜବାହର ନବୋଦୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମଲେଖା ପାଇଁ ଆସନ୍ତାକାଲି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଯାଜପୁର ଜିଲ୍ଲାରେ ଏଥିପାଇଁ ୨୫ଟି ପରୀକ୍ଷା କେନ୍ଦ୍ର ଖୋଲାଯାଇଛି। ଜିଲ୍ଲାରେ ୮୦ଟି ସିଟ୍ ପାଇଁ ୬ ହଜାର ୨୨୧ ଜଣ ଛାତ୍ରଛାତ୍ରୀ ଆବେଦନପତ୍ର ଦାଖଲ କରିଛନ୍ତି।

## ଅଲିଭ୍ ରିଡ୍‌ଲେ

**ଗଞ୍ଜାମ** ଜିଲ୍ଲାର ଋଷିକୂଲ୍ୟା ମୁହାଣ ସଂଲଗ୍ନ ସମୁଦ୍ରରେ ଗତବର୍ଷ ଅପେକ୍ଷା ଚଳିତଥର ଅଧିକ ସଂଖ୍ୟାରେ ବିରଳ ଅଲିଭ୍ ରିଡ୍‌ଲେ କଇଁଛ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହେବେ ବୋଲି ଆଶା କରାଯାଉଛି। ଚଳିତବର୍ଷ ଗଣଅଣ୍ଡାଦାନ ପାଇଁ ପାଗ ଅନୁକୂଳ ରହିଛି। ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। କଇଁଛଙ୍କ ମିଳନପର୍ବଠାରୁ ଆରମ୍ଭ କରି ଗଣଅଣ୍ଡାଦାନ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ୧୪୦ ଜଣ ସୁରକ୍ଷାକର୍ମୀ ନିୟୋଜିତ ଅଛନ୍ତି। ବେଳାଭୂମିର ୨ କିଲୋମିଟର ପର୍ଯ୍ୟନ୍ତ ବାଲୁକା ଶଯ୍ୟାରେ ସୁରକ୍ଷା ବାଡ କରାଯାଇଥିବା ବ୍ରହ୍ମପୁର ଡିଏଫ୍‌ଓ ସନି ଖୋଖର ସୂଚନା ଦେଇଛନ୍ତି।

## ସିମେଣ୍ଟ କାରଖାନା ଦୁର୍ଘଟଣା

ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରସ୍ଥିତ ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ କାରଖାନାରେ କୋଇଲା ହପର ଭୁଶୁଡି ପଡିବାରୁ ୩ ଜଣ ଶ୍ରମିକ ନିଖୋଜ ଅଛନ୍ତି । ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

## ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର

ଭଦ୍ରକ ଜିଲ୍ଲା ଧାମନଗର ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କ ଦକ୍ଷତା ବିକାଶ ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । କୃଷିବିଭାଗ ଅଧିକାରୀ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ ।

## ପୁସ୍ତକମେଳା

ସମ୍ବଲପୁରରେ ଆସନ୍ତାକାଲିଠାରୁ ପୁସ୍ତକମେଳା ଆରମ୍ଭ ହେବ । ଏହି ମେଳାକୁ ସମ୍ବଲପୁରର ସେତୁ ଓ ଏନ୍.ବି.ଟି.ର ମିଳିତ ଆନୁକୂଲ୍ୟରେ ଆୟୋଜନ କରାଯାଉଛି । ମେଳାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ୯ ଦିନ ଧରି ଚାଲିବାକୁ ଥିବା ଏହି ମେଳାରେ ୨୦୦ଟି ଷ୍ଟଲ୍ ରହିବ ।

## ବାତଜ୍ୱର ସାମୁହିକ ଔଷଧ ସେବନ

କଟକ ଜିଲ୍ଲାର ଆଠଗଡ଼, ତିଗିରିଆ, ବଡମ୍ବା ଏବଂ ସାଲେପୁର ବ୍ଲକ୍‌ରେ ଆସନ୍ତା ଫେବୃୟାରୀ ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ ବାତଜ୍ୱର ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହେବ । ସମୁଦାୟ ୭ ଲକ୍ଷ ୩୯ ହଜାର ୮୭୧ ଜଣଙ୍କୁ ଔଷଧ ସେବନ ପାଇଁ ୨ ହଜାର ୯୫୭ ଜଣ କର୍ମୀ ଓ ୨୯୬ ଜଣ ପର୍ଯ୍ୟବେକ୍ଷକ ନିୟୋଜିତ ହେବେ । ଏଥିପାଇଁ ସମନ୍ୱୟ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଗତକାଲି ଅନୁଷ୍ଠିତ ହୋଇଯାଇଛି ।

## ମନ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୯ ତାରିଖ ରବିବାର ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୧୮ତମ ସଂସ୍କରଣ ହେବ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

## ହକି

ହକି ଇଣ୍ଡିଆ ଲିଗ୍ ଅନ୍ତର୍ଗତ ମହିଳା ବର୍ଗରେ ଆଜି ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ରାତି ୮ଟା ୧୫ ମିନିଟ୍‌ରେ ଦିଲ୍ଲୀ ଏସ୍‌ଜି ପାଇପର୍ସ ଏବଂ ସୁର୍ମା ହକି କ୍ଲବ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ।

ସେହିପରି ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗରେ ଆସନ୍ତାକାଲି ହାଇଦ୍ରାବାଦ ତୁଫାନ୍ସ ଓ ତାମିଲନାଡୁ ଡ୍ରାଗନ୍ସ ଏବଂ ଗୋନାସିକା ଓ ୟୁପି ରୁଦ୍ରାସ ମଧ୍ୟରେ ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ମୁକାବିଲା ହେବ ।

*********************************